# NATIONAL NEWS BULLETIN (ODIA)

**2 April - 2024**

**Mid Bulletin : 1.50 p.m.**

---

- ନିର୍ବାଚନ କମିଶନ ଆଜି ୬ଟି ରାଜ୍ୟ ପାଇଁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକମାନଙ୍କୁ ନିଯୁକ୍ତ କରିଛି ।

- ଚୀନ୍ ଅରୁଣାଚଳ ପ୍ରଦେଶର ବିଭିନ୍ନ ସ୍ଥାନକୁ ପୁର୍ନନିର୍ମିତ କରୁଥିବାରୁ ଭାରତ ତାହାର ନିନ୍ଦା କରିଛି ।

- ଛତିଶଗଡରେ ନିରାପତ୍ତାବାହିନୀ ଜବାନମାନଙ୍କ ସହ ସଂଘର୍ଷରେ ୯ଜଣ ମାଓବାଦୀ ପ୍ରାଣ ହରାଇଛନ୍ତି ।

- ଅଲ୍ ଜଜିରା ଟେଲିଭିଜନ ନେଟଓ୍ୱର୍କ ସମେତ ଟିଭି ଚ୍ୟାନେଲ ଗୁଡ଼ିକୁ ନିଷେଧ କରିବା ପାଇଁ ଇସ୍ରାଏଲ ପାର୍ଲ୍ୟାମେଣ୍ଟ ଏକ ଆଇନ୍ ପ୍ରଣୟନ କରିଛି ।

ଏବଂ

- କଙ୍ଗୋ ଡେମୋକ୍ରାଟିକ ରିପବ୍ଲିକ ଯୁଡ଼ିଥ ସୁମିନ୍ୱା ତୁଲୁକାଙ୍କୁ ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଛି ।

# ଇସିଆଇ-ସ୍ପେସାଲ ଅବଜରବର୍ସ

ନିର୍ବାଚନ କମିଶନ ଆଜି ୬ଟି ରାଜ୍ୟ ପାଇଁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକମାନଙ୍କୁ ନିଯୁକ୍ତ କରିଛି । ସେହି ରାଜ୍ୟଗୁଡ଼ିକ ହେଲା ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା । ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକମାନେ ନିରାପତ୍ତାରକ୍ଷୀ ମୁତୟନ ଓ ଭୋଟିଂ ମେସିନ୍ ପହଞ୍ଚାଇବା ଭଳି କାର୍ଯ୍ୟର ତଦାରଖ କରିବେ । ସେମାନେ ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟଠାରେ ରହିବେ ଓ ଆବଶ୍ୟକସ୍ଥଳେ ଗଣ୍ଡଗୋଳିଆ ଅଞ୍ଚଳଗୁଡ଼ିକୁ ଯିବେ । ଆଞ୍ଚଳିକ ମୁଖ୍ୟ ଓ ନୋଡାଲ ଅଫିସରମାନଙ୍କ ଠାରୁ ସେମାନେ ତଥ୍ୟ ସଂଗ୍ରହ କରିବେ । ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକମାନେ ସୀମାନ୍ତ ଇଲାକା ଉପରେ ଅଧିକ ଧ୍ୟାନ ଦେବେ । ନିର୍ବାଚନ କମିଶନ ମଧ୍ୟ ସ୍ୱତନ୍ତ୍ର ଖର୍ଚ୍ଚ ପର୍ଯ୍ୟବେକ୍ଷକମାନଙ୍କୁ ମୁତୟନ କରିଛି । ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ, ଉତ୍ତରପ୍ରଦେଶ ଏବଂ ଓଡ଼ିଶାରେ ସେମାନେ ମୁତୟନ ହୋଇଛନ୍ତି । ପର୍ଯ୍ୟବେକ୍ଷକମାନେ ନିର୍ବାଚନ ସମୟରେ ଅର୍ଥବଳର ପ୍ରୟୋଗ ଉପରେ ତୀକ୍ଷ୍ଣ ନଜର ରଖିବେ । ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଭାବେ ପୂର୍ବତନ ପ୍ରଶାସନିକ ସେବା ଅଫିସରମାନଙ୍କୁ ମୁତୟନ କରାଯାଉଛି ।

## ଛତିଶଗଡ-ମାଓଇଷ୍ଟ କିଲ୍ଡ

ଛତିଶଗଡରେ ନିରାପତ୍ତାବାହିନୀ ଜବାନମାନଙ୍କ ସହ ସଂଘର୍ଷରେ ୯ଜଣ ମାଓବାଦୀ ପ୍ରାଣ ହରାଇଛନ୍ତି । ସି.ଆର୍.ପି.ଏଫ୍, କୋବ୍ରା ବାଟାଲିୟନ, ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ ଓ ସ୍ୱତନ୍ତ୍ର ଟ୍ରାନ୍ସଫୋର୍ସର ଏକ ମିଳିତ ଦଳ ଏକ ଖୋଜାଖୋଜି ଅଭିଯାନ କରିଥିଲେ । ବସ୍ତର ଡିଭିଜନର ବିଜାପୁର ଜିଲ୍ଲାସ୍ଥିତ ଗଙ୍ଗେଲୁର ଅଞ୍ଚଳରେ ଖୋଜାଖୋଜି କରାଯାଇଥିଲା । ମାଓବାଦୀ ଓ ଜବାନମାନଙ୍କ ମଧ୍ୟରେ କେନ୍ଦ୍ରା-କରଚୋଲି ଜଙ୍ଗଲରେ ଗୁଳି ବିନିମୟ ହୋଇଥିଲା । ଗୁଳିବିନିମୟ ପରେ ଜବାନମାନେ ୪ଜଣ ମାଓବାଦୀଙ୍କର ମୃତଦେହ ଠାବ କରିଥିଲେ । ଘଟଣାସ୍ଥଳୀରୁ ଗୋଟିଏ ଲାଇଟ୍ ମେସିନ୍ଗନ, ଏକ ବ୍ୟାରେଲ ଗ୍ରେନେଡ ଲଞ୍ଚର ଓ ଆଉ କିଛି ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଉଦ୍ଧାର କରାଯାଇଥିଲା । ସେହି ଅଞ୍ଚଳରେ ଖାନ୍ତଲାସୀ ଜାରି ରହିଛି ।

## ବିଜେପି-ଓଡ଼ିଶା ଲିଷ୍ଟ

ଓଡ଼ିଶା ବିଧାନସଭା ନିର୍ବାଚନ ପାଇଁ ବିଜେପି ଆଜି ୧୧୨ଜଣ ପ୍ରାର୍ଥୀଙ୍କର ନାମ ତାଲିକା ପ୍ରକାଶ କରିଛି । ଜୟନାରାୟଣ ମିଶ୍ର ସମ୍ବଲପୁରରୁ ପ୍ରାର୍ଥୀ ରହିବେ । ମାନସ କୁମାର ଦତ୍ତ ବାଲେଶ୍ୱରରୁ ପ୍ରାର୍ଥୀ ହେବେ । ସୀତାଂଶୁ ଶେଖର ମହାପାତ୍ର ଭଦ୍ରକ ଓ କୃଷ୍ଣଚନ୍ଦ୍ର ପାତ୍ର ଢେଙ୍କାନାଳରୁ ପ୍ରାର୍ଥୀ

ହେବେ । ଇତିମଧ୍ୟରେ ବିଜେପି ଏମ୍ପି ଅଜୟ ନିଶାଦ କଂଗ୍ରେସରେ ଯୋଗ ଦେଇଛନ୍ତି । ନୂଆଦିଲ୍ଲୀରେ ପାର୍ଟି ନେତା ମୋହନ ପ୍ରକାଶ ଓ ପବନ ଖେଡାଙ୍କ ଉପସ୍ଥିତିରେ ତାଙ୍କୁ ପାର୍ଟିରେ ଅନ୍ତର୍ଭୁକ୍ତ କରାଯାଇଛି । ବିହାରର ମୁଜାଫରପୁରକୁ ସେ ପ୍ରତିନିଧିତ୍ୱ କରୁଥିଲେ । ଲୋକସଭା ନିର୍ବାଚନରେ ବିଜେପି ତାଙ୍କୁ ଟିକଟ ଦେଇନଥିଲା ।

## ଏମ୍ଇଏ-ଅରୁଣାଚଳ ପ୍ରଦେଶ

ଚୀନ୍ ଅରୁଣାଚଳ ପ୍ରଦେଶର ବିଭିନ୍ନ ସ୍ଥାନକୁ ପୁର୍ନନିର୍ମିତ କରୁଥିବାରୁ ଭାରତ ତାହାର ନିନ୍ଦା କରିଛି । ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଅରୁଣାଚଳପ୍ରଦେଶର ବିଭିନ୍ନ ସ୍ଥାନର ଚୀନ୍ ଦ୍ୱାରା ଏଭଳି ନାମକରଣ କରାଯିବାରୁ ବାସ୍ତବିକତାରେ କୌଣସି ପରିବର୍ତ୍ତନ ଘଟିବ ନାହିଁ । ଅରୁଣାଚଳ ପ୍ରଦେଶ ଭାରତର ଅବିଚ୍ଛେଦ ଅଂଶ ରହିଛି ଓ ରହିବ । ଅରୁଣାଚଳପ୍ରଦେଶର କିଛି ସ୍ଥାନକୁ ଚୀନ୍ ନୂଆ ନାମ ଦେବାରୁ ଏହା ଉପାରେ ଭାରତ ନିଜର ପ୍ରତିକ୍ରିୟା ପ୍ରକାଶ କରିଛି । ଗତକାଲି ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଏଭଳି ନାମକରଣର କୌଣସି ପ୍ରଭାବ ପଡିବ ନାହିଁ ବୋଲି କହିଥିଲେ । ସେ କହିଥିଲେ ଅରୁଣାଚଳ ପ୍ରଦେଶ ଭାରତର ଏକ ରାଜ୍ୟ ରହିଛି ଓ ଆଗକୁ ମଧ୍ୟ ରହିବ ।

## ସୋପୋର ଆରେଷ୍ଟ

ଜାମ୍ମୁ-କାଶ୍ମୀରର ସୋପୋରଠାରେ ପୋଲିସ ୩ଜଣ ସନ୍ତ୍ରାସବାଦୀଙ୍କୁ ଗିରଫ କରିଛି । ସରକାରୀ ସୂତ୍ରରୁ ମିଳିଥିବା ଖବର ଅନୁସାରେ ପୋଲିସ ଓ ସେନାବାହିନୀର ୨୨ ରାଷ୍ଟ୍ର ରାଇଫଲ୍ସ ଏବଂ ସି.ଆର୍.ପି.ଏଫ୍‌ର ଶହେ ଅଣାଅଶୀ ବାଟାଲିୟନ ଫଳମଣ୍ଡି ଫାଟକଠାରେ ଥିବା ଯାଞ୍ଚଘାଟୀରେ ୩ଜଣ ସନ୍ଦିଗ୍ଧ ଲୋକଙ୍କୁ ଦେଖିବାକୁ ପାଇଥିଲେ । ସେମାନେ ସେହିସ୍ଥାନରୁ ଅନ୍ୟତ୍ର ପଳାୟନ କରିବାକୁ ଚେଷ୍ଟା କରୁଥିଲେ । କିନ୍ତୁ ସଜାଗ ଜବାନମାନେ ସେମାନଙ୍କୁ ଗିରଫ କରିଥିଲେ । ଖୋଜାଖୋଜି ସମୟରେ ସେମାନଙ୍କ ନିକଟରୁ ଗୋଟିଏ ପିସ୍ତଲ, ମୋବାଇଲ ଫୋନ୍ ଓ କିଛି ଆପତ୍ତିଜନକ ପଦାର୍ଥ ମିଳିଥିଲା । ଏ ସମ୍ବନ୍ଧୀୟ ଆଇନ୍ ଅନୁସାରେ ଏକ ମାମଲା ରୁଜୁ କରାଯାଇଛି । ଘଟଣା ଉପରେ ଅଧିକ ତଦନ୍ତ କରାଯାଉଛି ।

## କଙ୍ଗୋ ଫାଷ୍ଟ ଫିମେଲ ପିଏମ୍

କଙ୍ଗୋ ଡେମୋକ୍ରାଟିକ ରିପବ୍ଲିକ ଯୋଡ଼ିଥ ସୁମିନୋଆ ତୁଲୁକାଙ୍କୁ ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଛି । ରାଷ୍ଟ୍ରପତି ଫେଲିକ୍ସ ସିସେକେଡି ତାଙ୍କୁ ନିଯୁକ୍ତ କରିଛନ୍ତି । ରାଷ୍ଟ୍ରପତି ଫେଲିକ୍ସ ସିସେକେଡି ଗତବର୍ଷର ନିର୍ବାଚନ ପ୍ରଚାର ସମୟରେ ଦେଇଥିବା ପ୍ରତିଶ୍ରୁତିର ପୂରଣ କରି ନୂଆ ସରକାର ଗଠନ କରିଛନ୍ତି । କଙ୍ଗୋ କର୍ତ୍ତୃପକ୍ଷ ଦେଶରେ

ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି । ସେଗୁଡ଼ିକ ମଧ୍ୟରେ ପୂର୍ବାଞ୍ଚଳର ମାନବୀୟ ସଂକଟ ଓ କଙ୍ଗୋର ଖଣିଜ ସମ୍ପଦର ପରିଚାଳନା ଅନ୍ତର୍ଭୁକ୍ତ । ଶ୍ରୀ ସିଶେକେଡି ତାଙ୍କର ପ୍ରଥମ ଶାସନ ସମୟରେ ଦେଶରୁ ଦୁର୍ନୀତି ଲୋପ କରିବା, ଅର୍ଥନୀତିକୁ ସୁଧାରିବା, ଅସମାନତା ଦୂର କରିବା ଓ ପୂର୍ବାଞ୍ଚଳ ଅସୁରକ୍ଷିତତା ଦୂର କରିବାକୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ସେ ସବୁ ସମସ୍ୟାର ସମାଧାନ କରିନଥିବାର ତାଙ୍କ ସମାଲୋକମାନେ କହୁଛନ୍ତି ।

## ରାଜସ୍ଥାନ-ଗଗନଶକ୍ତି

ଭାରତୀୟ ବିମାନବାହିନୀ ପୋଖରାନ ଫିଲ୍ଡ ଫାୟାରିଙ୍ଗ ରେଞ୍ଜଠାରେ ଏହାର ସର୍ବବୃହତ୍ ସମରାଭ୍ୟାସ ଗଗନଶକ୍ତି ଆରମ୍ଭ କରିଛି । ଗତକାଲିଠାରୁ ଆରମ୍ଭ ହୋଇଥିବା ଏହି ସମରାଭ୍ୟାସ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ସମସ୍ତ ବଡ ବଡ ଲଢୁଆ ବିମାନ ଓ ଆଧୁନିକ ହେଲିକପ୍ଟର ନିଜନିଜର ଯୁଦ୍ଧକୌଶଳ ପ୍ରଦର୍ଶନ କରୁଛନ୍ତି । ଆମ ସମ୍ବାଦଦାତା ଜଣାଇଛନ୍ତି ଏହି ବିଶାଳ ସମରାଭ୍ୟାସ ପାଇଁ ଭାରତୀୟ ସେନାବାହିନୀ ବିମାନ ବାହିନୀକୁ ସମସ୍ତ ସାମଗ୍ରିକ ସହାୟତା ପ୍ରଦାନ କରୁଛି । ୧୦ହଜାରରୁ ଅଧିକ ବିମାନବାହିନୀ କର୍ମଚାରୀଙ୍କୁ ନବାଆଣିବା କରିବା ଓ ଗୋଳାବାରୁଦ ନବାଆଣିବା କରିବାରେ ସେନାବାହିନୀ

ସହାୟତା କରୁଛି । ଏହି ସମରାଭ୍ୟାସ ପୋଖରାନ ସମେତ ଦେଶର ବିଭିନ୍ନ ଭାଗରେ ହେଉଛି । ବହୁ ଲଢୁଆ ବିମାନ ଓ ହେଲିକପ୍ଟର ଏଥିରେ ଅଂଶଗ୍ରହଣ କରୁଛି । ପୂର୍ବରୁ ୨୦୧୮ ମସିହାରେ ଏହି ସମରାଭ୍ୟାସ ଅନୁଷ୍ଠିତ ହୋଇଥିଲା ।

## ଜେକେ-ଏନ୍ଏଚ୍ ୪୪

ଜାମ୍ମୁକାଶ୍ମୀର ଡିଭିଜନାଲ କମିଶନର ରମେଶ କୁମାର ଗତକାଲି ରାମବନ ଜିଲ୍ଲା ଗସ୍ତ କରି ଜାତୀୟ ରାଜପଥ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଆମ ଜାମ୍ମୁ ସମ୍ବାଦଦାତା ଜଣାଇଛନ୍ତି ରାମବନ ଡେପୁଟୀ କମିଶନର ରମେଶ କୁମାରଙ୍କୁ କାର୍ଯ୍ୟରୁ ସ୍ଥିତାବସ୍ଥା ବିଷୟରେ ଜଣାଇଛନ୍ତି । ଡିଭଜନାଲ କମିଶନର ଆଗାମୀ ଲୋକସଭା ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତିକୁ ମଧ୍ୟ ସମୀକ୍ଷା କରିଛନ୍ତି । ସେ ଭୋଟ୍ ଗ୍ରହଣକାରୀ କର୍ମଚାରୀମାନଙ୍କୁ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା, ନିର୍ବାଚନ ପାଇଁ ଉଦ୍ଦିଷ୍ଟ ସରଞ୍ଜାମ ଗୁଡ଼ିକୁ ଭୋଟ୍ଗ୍ରହଣ କେନ୍ଦ୍ରରେ ପହଞ୍ଚାଇବା ଓ ଅନ୍ୟାନ୍ୟ କାର୍ଯ୍ୟର ମଧ୍ୟ ସମୀକ୍ଷା କରିଛନ୍ତି ।

## ଇସ୍ରାଏଲ-ଅଲ୍ ଜଜିରା ବ୍ୟାନ୍

କତରର ଅଲ୍ ଜଜିରା ଟେଲିଭିଜନ ନେଟୱର୍କ ସମେତ ଟିଭିଚ୍ୟାନେଲ ଗୁଡ଼ିକୁ ନିଷେଧ କରିବା ପାଇଁ ଇସ୍ରାଏଲ ପାର୍ଲ୍ୟାମେଣ୍ଟ ଏକ

ଆଇନ୍‌କୁ ଅନୁମୋଦନ କରିଛି । ଏହି ଆଇନ୍ ଅନୁସାରେ ଟେଲିଭିଜନ ଚ୍ୟାନେଲଗୁଡ଼ିକୁ ନିଷେଧ କରିବା ଲାଗି ସରକାରଙ୍କୁ କ୍ଷମତା ମିଳିବ । ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି ଅଲ୍ ଜଜିରା ନେଟଓ୍ୱାର୍କର ସ୍ଥାନୀୟ କାର୍ଯ୍ୟାଳୟକୁ ବନ୍ଦ କରିବା ପାଇଁ ସେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବେ । ବିଦେଶୀ ସାମ୍ବାଦିକମାନଙ୍କୁ ଗାଜା ମଧ୍ୟକୁ ପ୍ରବେଶ କରିବାକୁ ନିଷେଧ କରାଯାଇଛି । ଗାଜା ଷ୍ଟ୍ରିପରେ ଥିବା ଅଲ୍ ଜଜିରା ସାମ୍ବାଦିକମାନେ ଯୁଦ୍ଧ ସମ୍ବନ୍ଧୀୟ ତଥ୍ୟାବଳୀ ପ୍ରସାରଣରେ ସହାୟତା କରୁଛନ୍ତି ।

ଇସ୍ରାଏଲ ପାର୍ଲ୍ୟାମେଣ୍ଟ କନେସେଟ୍ ଏହି ବିଲ୍‌କୁ ଅନୁମୋଦନ କରିଛି । ସେହି ବିଦେଶୀ ସମ୍ବାଦ ନେଟଓ୍ୱାର୍କଗୁଡ଼ିକ ଜାତୀୟ ନିରାପତ୍ତା ପ୍ରତି ବିପଦ ସୃଷ୍ଟି କରୁଥିବାର ଦର୍ଶାଯାଇ ସେଗୁଡ଼ିକ ଉପରେ ଅସ୍ଥାୟୀ ନିଷେଧାଦେଶ ଲାଗୁ କରାଯାଇଛି । ଏହି ନିଷେଧାଦେଶ ୪୫ଦିନ ପର୍ଯ୍ୟନ୍ତ ବଳବତ୍ତର ରହିବ । ଏହାପରେ ତାହାକୁ ସମ୍ପ୍ରସାରଣ କରାଯାଇପାରିବ । ଏହି ଆଇନ୍ ଜୁଲାଇମାସ ପର୍ଯ୍ୟନ୍ତ କିମ୍ବା ଯୁଦ୍ଧ ଶେଷ ହେବା ପର୍ଯ୍ୟନ୍ତ ବୈଧ ରହିବ ।

ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ନେତାନ୍ୟାହୁ କହିଛ୍ତି । ଅଲ୍ ଜଜିରା ଆଉ ଇସ୍ରାଏଲରୁ ଏହାର ପ୍ରସାରଣ କରିପାରିବ ନାହିଁ । ଏହାକୁ ସେ ଏକ ସନ୍ତ୍ରାସବାଦୀ ଚ୍ୟାନେଲ ଭାବେ କହିଛନ୍ତି । ଅଲ୍ ଜଜିରା ଚ୍ୟାନେଲ ଏହାର କର୍ମଚାରୀମାନଙ୍କୁ ଇସ୍ରାଏଲ ଟାର୍ଗେଟ୍ କରୁଥିବାର କହିଛି । କିନ୍ତୁ ଇସ୍ରାଏଲ ଏହାକୁ ପ୍ରତ୍ୟାଖାନ କରିଛି । ଇସ୍ରାଏଲର

ଅଫିସରମାନେ ଏହି ଚ୍ୟାନେଲ ଇସ୍ରାଏଲର ବିରୋଧୀ ଥିବାର କହି ଆସୁଛନ୍ତି । ଗତବର୍ଷ ଅକ୍ଟୋବର ୭ ତାରିଖରେ ହମାସ୍ ଆକ୍ରମଣ ପରଠାରୁ ଅଲ୍ ଜଜିରା ବିରୁଦ୍ଧରେ ସମାଲୋଚନା ବୃଦ୍ଧି ପାଇଛି । ଆମେରିକା ଏଭଳି ପଦକ୍ଷେପ ଉପରେ ଉଦ୍‌ବେଗ ପ୍ରକାଶ କରିଛି ।

## ମୋକା-ବିସ୍ତାରା

ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ବିମାନ ଚଳାଚଳରେ ବିଳମ୍ବ ସଂକ୍ରାନ୍ତରେ ବିସ୍ତାରା ଏୟାରଲାଇନ୍ସ ଠାରୁ ଜବାବ ଲୋଡିଛି । ମନ୍ତ୍ରଣାଳୟ କହିଛି ବିସ୍ତାରା ଏୟାରଲାଇନ୍ସକୁ ଡି.ଜି.ସି.ଏର ନିୟମ ପାଳନ କରିବାକୁ ହେବ ଓ ବିମାନ ବିଳମ୍ବ କିମ୍ବା ବାତିଲ ସମୟରେ ଯାତ୍ରୀମାନଙ୍କର ସୁବିଧାକୁ ଦେଖିବାକୁ ପଡିବ । ମନ୍ତ୍ରଣାଳୟ କହିଛି ବିସ୍ତାରା ବିମାନ ଗୁଡ଼ିକର ବାତିଲ ବିଷୟକୁ ତଦାରଖ କରାଯାଉଛି । ବିଭିନ୍ନ କାରଣକୁ ନେଇ ବିସ୍ତାରା ଏୟାରଲାଇନ୍ସ ଏହାର ଅନେକ ବିମାନ ବାତିଲ କରିଛି ।

## ଲଦାଖ ମେଡିକାଲ ଏଡ୍

ଭାରତୀୟ ସେନାବାହିନୀର ଚିକିତ୍ସକଦଳ ଲଦାଖରେ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କୁ ଜୀବନରକ୍ଷା ସେବା ପ୍ରଦାନ କରୁଛନ୍ତି । ଦୂରଦୂରାନ୍ତ ଅଞ୍ଚଳର ରୋଗୀମାନଙ୍କୁ ଏହି ସେବା ପ୍ରଦାନ କରାଯାଉଛି । ସେହି ଅଞ୍ଚଳରେ ସ୍ୱାସ୍ଥ୍ୟ ସୁବିଧା ନଥିବାରୁ ସେନାବାହିନୀର ଏକ ଡାକ୍ତରୀ ଦଳ ଓ ଚିକିତ୍ସା ସହାୟକ

ଦଳ ସେମାନଙ୍କୁ ଚିକିତ୍ସା ସହାୟତା ଯୋଗାଉଛନ୍ତି । ୨୧୬ଜଣ ବ୍ୟକ୍ତିଙ୍କୁ ଅତ୍ୟାବଶ୍ୟକ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଛି । ସେମାନଙ୍କ ମଧ୍ୟରେ ୮୦ଜଣ ପୁରୁଷ, ୧୧୬ଜଣ ମହିଳା ଓ ୨୦ଜଣ ପିଲା ରହିଛନ୍ତି ।